# NATIONAL NEWS BULLETIN (ODIA)
## 28th June - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ପରିବେଶ କାର୍ଯ୍ୟାନ୍ୱୟନ ସ୍ୱଚ୍ଛ, ଦାୟିତ୍ୱପୂର୍ଣ୍ଣ ଓ ସମାନତା ଉପରେ ପର୍ଯ୍ୟବସିତ ହେବା ଉଚିତ ।

— ସେସେଲ୍ସ୍ ନ୍ୟାସନାଲ୍ ଆସେମ୍ବ୍ଲିରେ ସମ୍ବୋଧନ କରି କହିଲେ ପ୍ରଧାନମନ୍ତ୍ରୀ ।

— ପ୍ରଧାନମନ୍ତ୍ରୀଙ୍କୁ ସେସେଲ୍ସର ସର୍ବୋଚ୍ଚ ସମ୍ମାନ "ଗାଡ଼ିୟନ୍ ଅଫ୍ ଦ ବ୍ଲୁ ହରାଇଜନ୍" ପ୍ରଦାନ ।

- ରାଷ୍ଟ୍ର ଗଠନରେ ଜନଭାଗିଦାରୀ ଭାରତର ସବୁଠାରୁ ବଡ଼ ଶକ୍ତି ।

— ମନ୍ କୀ ବାତ୍‌ରେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଲେ ପ୍ରଧାନମନ୍ତ୍ରୀ ।

- ଫ୍ରାନ୍ସରେ ବିମାନ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ।

ଏବଂ

- ଭାରତ-ଆୟାରଲାଣ୍ଡ ପୁରୁଷ ଟି-୨୦ ଆନ୍ତର୍ଜାତିକ କ୍ରିକେଟ ଶୃଙ୍ଖଳାର ଦ୍ୱିତୀୟ ତଥା ଚୂଡ଼ାନ୍ତ ମ୍ୟାଚ୍ ଜାରି ।

## ପି.ଏମ୍. - ସେସେଲ୍ସ ଆସେମ୍ବ୍ଲି ଆଡ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ପରିବେଶ ଦିଗରେ କାର୍ଯ୍ୟାନ୍ୱୟନ ନିଶ୍ଚିତ ରୂପେ ସ୍ୱଚ୍ଛ, ନିରପେକ୍ଷ, ଦାୟିତ୍ୱପୂର୍ଣ୍ଣ ଏବଂ ସମାନତା ଉପରେ ପର୍ଯ୍ୟବସିତ ହେବା ଉଚିତ । ସେସେଲ୍ସର ନ୍ୟାସନାଲ୍ ଆସେମ୍ବ୍ଲିକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପରିବେଶ ସୁରକ୍ଷା ଦିଗରେ ନ୍ୟାୟପୂର୍ଣ୍ଣ ପଦକ୍ଷେପ ଗ୍ରହଣ ଲାଗି ଏହା ନିତ୍ୟାନ୍ତ ଆବଶ୍ୟକ । ସେସେଲ୍ସ ଏବଂ ଭାରତ ଉଭୟ ସମଗ୍ର ବିଶ୍ୱକୁ ଏକ ସମାବେଶୀ ବିକାଶ ଦିଗରେ ଆଗେଇ ନେବା ଉପରେ ଆଗ୍ରହ ପ୍ରକାଶ କରିଥିବା ଶ୍ରୀ ମୋଦି କହିଛନ୍ତି । ସେ କହିଛନ୍ତି, ଭାରତ ମହାସାଗରପାଇଁ ଭାରତର ଲକ୍ଷ୍ୟ ସାଧନ ଦିଗରେ ସେସେଲ୍ସ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି, ଯାହା ସଦାସର୍ବଦା ବଜାୟ ରହିବ । ଭାରତ ମହାସାଗର କେବେବି ଭାରତ-ସେସେଲ୍ସକୁ ଭାଗ ଭାଗ କରେ ନାହିଁ; ବରଂ ଏହା ଦୁଇ ରାଷ୍ଟ୍ରକୁ ସଂଯୋଗ କରିଥାଏ ବୋଲି ଶ୍ରୀ ମୋଦି କହିଛନ୍ତି । ପରିବେଶ ସଂରକ୍ଷଣପାଇଁ ଯେଉଁମାନେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଏହା

ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି । ଜନସାଧାରଣ ଯେତେବେଳେ ମାନଚିତ୍ର ଦେଖନ୍ତି, ସେମାନେ ଭାରତ ମହାସାଗର ମଧ୍ୟରେ ସେସେଲ୍‌ସକୁ ଏକ ଦ୍ୱୀପପୁଞ୍ଜ ଭାବେ ଦେଖିପାରିବେ ବୋଲି ଶ୍ରୀ ମୋଦି ତାଙ୍କ ଭାଷଣରେ କହିଛନ୍ତି । ଭାରତ କୌଣସି ରାଷ୍ଟ୍ରକୁ ତା'ର ଉପକୂଳରୁ ବ୍ୟାପକ ଦିଗ୍‌ବଳୟକୁ ଅନୁଧ୍ୟାନ କରିଥାଏ । ସେସେଲ୍‌ସର ନ୍ୟାସନାଲ୍ ଆସେମ୍ବ୍ଲିରେ ଏହା ହେଉଛି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି' ତାଙ୍କୁ ପ୍ରଦାନ କରାଯାଇଥିବା ସମ୍ମାନପାଇଁ ସେସେଲ୍‌ସର ରାଷ୍ଟ୍ରପତି ଏବଂ ତାଙ୍କର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ପି.ଏମ୍. - ସେସେଲ୍‌ସ୍ ଆୱାର୍ଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପରିବେଶ ସଂରକ୍ଷଣ ଏବଂ ଦୀର୍ଘସ୍ଥାୟୀ ବିକାଶ ଦିଗରେ ନେତୃତ୍ୱପାଇଁ' ସେସେଲ୍‌ସ୍‌ର ସର୍ବୋଚ୍ଚ ସମ୍ମାନ "ଗାର୍ଡ଼ିଅନ୍ ଅଫ୍ ଦ ବ୍ଲୁ ହରାଇଜନ୍"ରେ ସମ୍ମାନିତ କରାଯାଇଛି । ସେସେଲ୍‌ସ୍ ରାଷ୍ଟ୍ରପତି ଡକ୍ଟର ପାଟ୍ରିକ୍ ହର୍‌ମିନ୍' ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ' ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ସ୍ୱାର୍ଥସାଧନ ଦିଗରେ ନୀଳ ଅର୍ଥନୀତି, ଜଳବାୟୁ ପଦକ୍ଷେପ, ସାମୁଦ୍ରିକ ସମ୍ପଦରେ ଦୀର୍ଘସ୍ଥାୟୀ ପରିଚାଳନା ଏବଂ କ୍ଷୁଦ୍ର

ଦ୍ୱିପାଞ୍ଚଳ ରାଷ୍ଟ୍ରଗୁଡ଼ିକର ବିକଶିତ ଆକାଂକ୍ଷା ପୂରଣ ଦିଗରେ ତାଙ୍କର ନେତୃତ୍ୱ ପ୍ରତିପାଦନପାଇଁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଏହା ପ୍ରଥମ ଥରପାଇଁ ଭାରତର ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ସମ୍ମାନକୁ ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ଦିଗରେ ମୁକାବିଲା କରୁଥିବା ସମସ୍ତ ରାଷ୍ଟ୍ରଙ୍କୁ ଉତ୍ସର୍ଗ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସବୁଜ ଗ୍ରହ, ଆନ୍ତର୍ଜାତିକ ସୌରମେଣ୍ଟ, ମିଶନ ଲାଇଫ୍, ଏକ୍ ପେଡ୍ ମା'କେ ନାମ୍ ଏବଂ ଆନ୍ତର୍ଜାତିକ୍ ବ୍ୟାଘ୍ର ମେଣ୍ଟ ଦିଗରେ ତାଙ୍କର ପ୍ରତିବଦ୍ଧତାକୁ ଏହି ସମ୍ମାନ ସୂଚିତ କରୁଛି ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କୁ ସେସେଲ୍ସର ଏହି ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ପ୍ରାକୃତିକ ପରିବେଶ ସୁରକ୍ଷା ଦିଗରେ ସମଗ୍ର ବିଶ୍ୱରେ ଭାରତର ପଦକ୍ଷେପକୁ ମାନ୍ୟତା ପ୍ରଦାନ କରାଯାଇ ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି, ଯାହାକି ଭାରତପାଇଁ ଏକ ଗର୍ବର ବିଷୟ ।

ଡକ୍ଟର ଜୟଶଙ୍କର କହିଛନ୍ତି, ଜଳବାୟୁ ସୁରକ୍ଷା ଏବଂ ଦୀର୍ଘସ୍ଥାୟୀ ବିକାଶ ଦିଗରେ ଶ୍ରୀ ମୋଦିଙ୍କ ନେତୃତ୍ୱକୁ ଏହି ସମ୍ମାନ ପ୍ରତିପାଦିତ କରୁଛି । ଏହା ମଧ୍ୟ ଭାରତ ଏବଂ ସେସେଲ୍ସ ମଧ୍ୟରେ ଭାଗିଦାରିତା ସମ୍ପର୍କ ସୁଦୃଢ଼କୁ ସୂଚାଉଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକ୍ରମେ ବିଶ୍ୱରେ ଭାରତର ସ୍ଥିତି ଦୃଢ଼ ହେଉଛି ଏବଂ ଏହା "ଏକ ପୃଥିବୀ, ଏକ ପରିବାର ଏବଂ ଏକ ଭବିଷ୍ୟତ" ଦିଗରେ ସମଗ୍ର ବିଶ୍ୱକୁ ପ୍ରୋତ୍ସାହିତ କରୁଛି । ଏହା ପ୍ରତ୍ୟେକ ଭାରତୀୟଙ୍କପାଇଁ ଗର୍ବର ବିଷୟ ବୋଲି ଶ୍ରୀ ସିଂହ କହିଛନ୍ତି ।

## ପି.ଏମ୍. - ସେସେଲ୍ସ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସେସେଲ୍ସ୍ ରାଷ୍ଟ୍ରପତି ପ୍ୟାଟ୍ରିକ୍ ହରମିନିଙ୍କ ମଧ୍ୟରେ ଭିକ୍ଟୋରିଆଠାରେ ଦ୍ୱିପାକ୍ଷିକ କଥାବାର୍ତ୍ତା ଅନୁଷ୍ଠିତ ହୋଇଛି । ଉଭୟ ନେତା ଆପୋଷ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗରେ ସହଯୋଗ ନେଇ ଆଲୋଚନା କରିଛନ୍ତି । ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ତାଙ୍କୁ ସେସେଲ୍ସ ପକ୍ଷରୁ ପ୍ରଦାନ କରାଯାଇଥିବା 'ଗାର୍ଡ଼ିଅନ୍ ଅଫ୍ ବ୍ଲୁ ହରାଇଜନ୍' ସମ୍ମାନ ଭାରତୀୟ ନାଗରିକଙ୍କପାଇଁ ଉଦ୍ଦିଷ୍ଟ । ଭାରତ ମହାସାଗରର ସୁରକ୍ଷା, ଦୀର୍ଘସ୍ଥାୟୀ ଏବଂ ସମୃଦ୍ଧି ରକ୍ଷା କରିବାରେ ଉଭୟଙ୍କ ଦାୟିତ୍ୱ ରହିଛି ବୋଲି ଶ୍ରୀ ମୋଦି କହିଛନ୍ତି । ଉଭୟ ପକ୍ଷଙ୍କ ମଧ୍ୟରେ ଅର୍ଥନୈତିକ ସହଯୋଗକୁ ଅଧିକ ବିଶ୍ୱାସଭାଜନ କରିବା ଏବଂ ଭବିଷ୍ୟତପାଇଁ

ପ୍ରସ୍ତୁତ ରହିବା ନେଇ ଆଲୋଚନା ହୋଇଥିଲା ବୋଲି ସେ ପ୍ରକାଶ କରିଛନ୍ତି । ଉଭୟ ରାଷ୍ଟ୍ରର ଶିଳ୍ପ ବିକାଶ ଦିଗରେ ନୂତନ ସୁଯୋଗ ସୃଷ୍ଟି କରିବାରେ ପଦକ୍ଷେପ ଜାରି ରହିବ ବୋଲି ଶ୍ରୀ ମୋଦି କହିଛନ୍ତି ।

ସେହିପରି ଭାରତ ଏବଂ ସେସେଲ୍ସ ମଧ୍ୟରେ ଯୋଗାଯୋଗ ବୃଦ୍ଧିକୁ ତ୍ୱରାନ୍ୱିତ କରିବାପାଇଁ କାର୍ଯ୍ୟ କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି । ଦୁଇ ଦେଶ ମଧ୍ୟରେ ଦୂରତ୍ୱ ହ୍ରାସ କରିବା କ୍ଷେତ୍ରରେ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଏକ ଫଳପ୍ରଦ ମାଧ୍ୟମ ବୋଲି ଶ୍ରୀ ମୋଦି କହିଛନ୍ତି । ଡିଜିଟାଲ ରାଷ୍ଟ୍ରାୟାତ୍ତ ଭିତ୍ତିଭୂମି କ୍ଷେତ୍ରରେ ଭାରତର ସଫଳ ଅଭିଜ୍ଞତାକୁ ସେସେଲ୍ସକୁ ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି । ସେସେଲ୍ସଠାରେ ୟୁ.ପି.ଆଇ. କାର୍ଯ୍ୟକାରୀ ନେଇ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେହିପରି ସ୍ୱାସ୍ଥ୍ୟକ୍ଷେତ୍ରରେ ଭାରତ-ସେସେଲ୍ସ ଭାଗିଦାରୀ ସମ୍ପର୍କ ଉଲ୍ଲେଖନୀୟ । କୋଭିଡ୍ ସମୟରେ ଭାରତ ଏକ ବନ୍ଧୁ ରାଷ୍ଟ୍ରଭାବେ ସେସେଲ୍ସକୁ ପ୍ରତିଷେଧକ ଟିକା ଯୋଗାଇ ତା'ର କର୍ତ୍ତବ୍ୟ ସମ୍ପାଦନ କରିଥିଲା । ସେସେଲ୍ସବାସୀଙ୍କୁ ଗୁଣାତ୍ମକ ଏବଂ ସୁଲଭ ମୂଲ୍ୟରେ ଔଷଧ ପ୍ରଦାନ କରିବାରେ ଜନ ଔଷଧି ନେଇ ହୋଇଥିବା ବୁଝାମଣା ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସେସେଲ୍ସ ରାଷ୍ଟ୍ରପତି ପ୍ୟାଟ୍ରିକ୍ ହର୍ମିନି ମିଳିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଉଭୟଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବ୍ୟାପକ ଓ ଫଳପ୍ରଦ

ଥିଲା । ଏହା ଭାରତ ଓ ସେସେଲ୍ସ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଦୃଢ଼ୀଭୂତ କରିବା ସହ ଆପୋଷ ବିଶ୍ୱାସକୁ ପ୍ରତିପାଦିତ କରିଛି । ଶ୍ରୀ ହର୍ମିନି କହିଛନ୍ତି, ଦୀର୍ଘସ୍ଥାୟୀ ଆର୍ଥିକ ବିକାଶ ଏବଂ ସୁରକ୍ଷା କାର୍ଯ୍ୟକାରୀ ଉପରେ ତାଙ୍କର ଆଲେଚାନା ପର୍ଯ୍ୟବସିତ ଥିଲା । ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ରଣନୈତିକ ଦିଗ ପ୍ରଦାନପାଇଁ ରୂପରେଖ ପ୍ରସ୍ତୁତ କରାଯାଇଥିଲା ବୋଲି ଶ୍ରୀ ହର୍ମିନି କହିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ରାଷ୍ଟ୍ର ଗଠନରେ ଜନଭାଗିଦାରୀ ଭାରତର ସବୁଠାରୁ ବଡ ଶକ୍ତି । ଆକାଶବାଣୀର ୧୩୫ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ପରିସ୍ଥିତିକୁ ଦେଖି ସେ ଦେଶବାସୀଙ୍କୁ କେତେକ ପଦକ୍ଷେପ ଆପଣାଇବା ଲାଗି ଅନୁରୋଧ କରିଥିଲେ । ଲୋକମାନେ  ତାଙ୍କ କଥା ରଖି ସୁନା କିଣିବା କମାଇ ଦେଇଛନ୍ତି, ବିଦେଶ ଯାତ୍ରା ବାତିଲ କରିଛନ୍ତି ଏବଂ ସାଧାରଣ ପରିବହନ ବ୍ୟବସ୍ଥା ବ୍ୟବହାର କରୁଛନ୍ତି । ଫଳରେ ପେଟ୍ରୋଲ ଓ ଡିଜେଲ ବଞ୍ଚି ପାରୁଛି । ଚାଷୀଭାଇମାନେ ମଧ୍ୟ ରାସାୟନିକ ସାର ବଦଳରେ ଜୈବିକ ସାରର ବ୍ୟବହାର ବୃଦ୍ଧି କରିଛନ୍ତି । ଦେଶବାସୀ

ଏକାଠି ହୋଇ ବିଶ୍ୱ ସଙ୍କଟର ସମ୍ମୁଖୀନ ହେଉଥିବାରୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

***Voice (PM - Global Economy)*** :……

ପ୍ରଧାନମନ୍ତ୍ରୀ କହିଛନ୍ତି ଚଳିତ ମାସରେ ଦେଶର ସୁରକ୍ଷା ଓ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଆମକୁ ଅନେକ ସଫଳତା ମିଳିଛି । ନିକଟରେ କୋଲକାତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇ.ଏନ୍.ଏସ୍ ଦୁନାଗିରି, ଆଇ.ଏନ୍.ଏସ୍ ସଂଶୋଧକ ଏବଂ ଆଇ.ଏନ୍.ଏସ୍ ଅଗ୍ରୟକୁ ଭାରତୀୟ ନୌସେନାରେ ସାମିଲ କରାଯାଇଛି । ଏହିସବୁ ଯୁଦ୍ଧଜାହାଜର ଡିଜାଇନ୍‌ଠାରୁ ଆରମ୍ଭ କରି ନିର୍ମାଣ ପର୍ଯ୍ୟନ୍ତ ସବୁକିଛି ଆମ ଦେଶରେ ହିଁ ହୋଇଛି । ଏଥିସହ ଡିଆର୍‌ଡିଓ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ସ୍ଥଳଭାଗକୁ ଆକ୍ରମଣ କରିବାର କ୍ଷମତା ରଖୁଥିବା ବହୁ ଦୂରଗାମୀ କ୍ରୁଜ୍ ମିଶାଇଲ୍‌ର ସଫଳ ପରୀକ୍ଷଣ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସମୁଦ୍ରଠାରୁ ଆରମ୍ଭ କରି ଆକାଶ ପର୍ଯ୍ୟନ୍ତ ଭାରତ ଏବେ ଅଧିକ ସୁରକ୍ଷିତ ଓ ଆତ୍ମନିର୍ଭରଶୀଳ ହେବାରେ ଲାଗିଛି ।

ଚଳିତଥର ଅନ୍ତର୍ଜାତୀୟ ଯୋଗ ଦିବସରେ ସାରା ବିଶ୍ୱ ଭାରତ ସହ ସାମିଲ ହୋଇଥିଲା । ଦୁନିଆର ପ୍ରାୟ ୨ହଜାର ୫୦୦ରୁ ଅଧିକ ସ୍ଥାନରେ ବଡ ବଡ ଯୋଗ କାର୍ଯ୍ୟକ୍ରମ ହୋଇଥିଲା ଏବଂ ଭାରତର କୋଟି କୋଟି ଲୋକ ଏଥିରେ ଭାଗ ନେଇଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତି ବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ମାନବିକ ସୃଜନଶୀଳତା ସଂରକ୍ଷଣର ଆବଶ୍ୟକତା ରହିଛି । ନାଳନ୍ଦା ବିଶ୍ୱବିଦ୍ୟାଳୟ ହେଉଛି ଏକ୍ଷେତ୍ରରେ ଏକ ଜ୍ୱଳନ୍ତ ଉଦାହରଣ । ଏହା ଭାରତର ଭବିଷ୍ୟତକୁ ନୂତନ ରୂପ ପ୍ରଦାନ କରୁଛି ।

***Voice (PM-Nalanda)*** :......

ଭାରତୀୟ ସଂସ୍କୃତି ଆଜି ସାରା ବିଶ୍ୱରେ ପହଞ୍ଚିପାରିଛି । ପ୍ରଧାନମନ୍ତ୍ରୀ ଡୋମିନିକାଲ ରିପବ୍ଲିକର ଉଦାହରଣ ଦେଇ କହିଛନ୍ତି ସେଠାରେ ମାତ୍ର ୧୦୦ଜଣ ଭାରତୀୟ ରୁହନ୍ତି । ତଥାପି ସେଠାକାର କିଛି ସ୍ଥାନୀୟ ସ୍ୱାନିଶ ଭାଷାଭାଷି ଲୋକ ମିଶି 'ବ୍ରହ୍ମକମଳ ଡୋମିନିକାନା' ନାମକ ଏକ ସଂଗଠନ ଗଢ଼ିଛନ୍ତି । ସେଠାରେ ଲୋକମାନେ ବୈଦିକ ସାହିତ୍ୟ ପଢୁଛନ୍ତି ଏବଂ ପୁରୁଷସୂକ୍ତମ୍, ଶ୍ରୀସୂକ୍ତମ୍ ଓ ଦେବୀ ମାହାତ୍ମ୍ୟମ୍ ଭଳି ଜଟିଳ ମନ୍ତ୍ରଗୁଡ଼ିକୁ ସ୍ପଷ୍ଟଭାବେ ଗାନ କରିପାରୁଛନ୍ତି ଯାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ।

ଏଥିସହ ଆଗକୁ ଆସୁଥିବା ଗଣେଶ ପୂଜା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏକ ନିବେଦନ କରିଛନ୍ତି । ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବଦଳରେ କେବଳ ସ୍ଥାନୀୟ କାରିଗରଙ୍କ ଦ୍ୱାରା ତିଆରି ମାଟିର ଗଣେଶ ମୂର୍ତ୍ତି ହିଁ କିଣିବାକୁ ସେ କହିଛନ୍ତି। ଶେଷରେ ପ୍ରଧାନମନ୍ତ୍ରୀ ବର୍ଷାଜଳ ସଂରକ୍ଷଣ ପାଇଁ 'କ୍ୟାଚ୍ ଦ ରେନ୍' ଅଭିଯାନକୁ ଆହୁରି ଜୋର୍‌ଦାର କରିବାକୁ କହିଛନ୍ତି ।

## ସି.ଇ.ସି. - କାଶ୍ମୀର ଭିଜିଟ୍

ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାର ଜମ୍ମୁକାଶ୍ମୀରକୁ ତିନିଦିନିଆ ଗସ୍ତରେ ଯାଇ ଆଜି ଶ୍ରୀନଗରଠାରେ ପହଞ୍ଚିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର୍ କାଶ୍ମିରରେ ତୃଣମୂଳ ସ୍ତରରେ ନିର୍ବାଚନ ପ୍ରକ୍ରିୟାକୁ ସମୀକ୍ଷା କରିବେ । ନିର୍ବାଚନରେ ଅଧିକ ସଂଖ୍ୟାକ ଭୋଟର୍‌ମାନଙ୍କ ଅଂଶଗ୍ରହଣ ନେଇ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଭୋଟର୍‌ମାନଙ୍କୁ ସଚେତନ କରିବା, ଗଣତନ୍ତ୍ର ପ୍ରକ୍ରିୟାରେ ସେମାନଙ୍କର ଭାଗିଦାରିତା ବୃଦ୍ଧି କରିବା ଏବଂ ବୁଥ୍‌ସ୍ତରୀୟ ପ୍ରସ୍ତୁତି ଦୃଢ଼ କରିବା ଲକ୍ଷ୍ୟ ନେଇ ତାଙ୍କର ଏହି ଗସ୍ତ ବୋଲି ଜଣାପଡ଼ିଛି ।

## ଫ୍ରାନ୍ସ - ପ୍ଲେନ୍ କ୍ରାଶ୍

ଫ୍ରାନ୍‌ସର ଉତ୍ତର-ପୂର୍ବାଞ୍ଚଳରେ ଏକ ସ୍କାଏଡାଇଭିଙ୍ଗ୍ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି । ବିମାନଟି ନାନ୍‌ସି ସହର ନିକଟରେ ତଳକୁ ଖସିପଡ଼ିଥିଲା ବୋଲି ମେଉରଥ୍-ଏଟ୍-ମୁସେଲ୍ ପ୍ରତିନିଧି କହିଛନ୍ତି । ଦୁର୍ଘଟଣାର ତଦନ୍ତ ଜାରି ରହିଛି ।

# କ୍ରିକେଟ୍

ବେଲ୍‌ଫାଷ୍ଟରେ ଚାଲିଥିବା ଭାରତ-ଆୟାରଲାଣ୍ଡ ପୁରୁଷ ଟି-୨୦ ଆନ୍ତର୍ଜାତିକ କ୍ରିକେଟ ଶୃଙ୍ଖଳାର ଦ୍ୱିତୀୟ ତଥା ଚୂଡ଼ାନ୍ତ ମ୍ୟାଚ୍‌ରେ ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଆୟାରଲାଣ୍ଡ ୧୬ ଓଭର୍‌ରେ ୫ ୱିକେଟ୍ ହରାଇ ୧୨୪ ରନ୍ ସଂଗ୍ରହ କରିଛି । ଭାରତ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଗତ ଶୁକ୍ରବାର ଦିନ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଆର୍ୟାଲାଣ୍ଡ' ଭାରତକୁ ୩୪ରନ୍‌ରେ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି ।

*****